# NATIONAL NEWS BULLETIN (ODIA)
## 4 July - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ତ୍ରିନିଦାଦ ଓ ଟୋବାଗୋରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କ ଷଷ୍ଠ ପିଢ଼ିକୁ ପ୍ରବାସୀ ଭାରତୀୟ ନାଗରୀକ କାର୍ଡ଼ ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଘୋଷଣା ।
- ଦେଶର ପୂର୍ବାଞ୍ଚଳରେ କ୍ଷମତା ନିର୍ମାଣ ପ୍ରୟାସର ବିକେନ୍ଦ୍ରୀକରଣ ଲାଗି ରାଞ୍ଚିରେ ଉଦ୍‌ଘାଟିତ ହେଲା ଜାତୀୟ ମହିଳା ଓ ଶିଶୁ ବିକାଶ ପ୍ରତିଷ୍ଠାନର ନୂତନ ଆଞ୍ଚଳିକ କେନ୍ଦ୍ର ।
- ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ଗତ ୧୦ ବର୍ଷ ମଧ୍ୟରେ ଦେଶ ବ୍ୟାପି ୨୮ କୋଟିରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ।
- ଆସନ୍ତା ବର୍ଷ ହଜ୍ ଯାତ୍ରା ନିମନ୍ତେ ଏକ ସପ୍ତାହ ମଧ୍ୟରେ ଆବେଦନପତ୍ର ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବେ ସରକାର ।

ଏବଂ

- ବର୍ମିଂହାମ୍ ଟେଷ୍ଟର ତୃତୀୟ ଦିନରେ ଇଂଲଣ୍ଡ ଭାରତ ବିପକ୍ଷରେ ଏ ପର୍ଯ୍ୟନ୍ତ ୫ ୱିକେଟ୍ ହରାଇ କରିଛି ୨୯୮ରନ୍ ।

# ପିଏମ୍-ତ୍ରିନିଦାଦ-ଟବାଗୋ

ତ୍ରିନିଦାଦ ଓ ଟୋବାଗୋରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କ ଷଷ୍ଠ ପିଢ଼ିକୁ ପ୍ରବାସୀ ଭାରତୀୟ ନାଗରୀକ କାର୍ଡ଼ ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି । ଏହାଦ୍ୱାରା ସେମାନେ ବିନା ପ୍ରତିବନ୍ଧକରେ ଭାରତରେ ବସବାସ କରିବା ସହିତ କାର୍ଯ୍ୟ କରିପାରିବେ ବୋଲି ସେ କହିଛନ୍ତି । ତ୍ରିନିଦାଦ ଓ ଟୋବାଗୋରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ ଏହି ସୂଚନା ଦେଇଛନ୍ତି । ଭାରତ ସହିତ ନିଜର ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି  ନିଜର ପୈତୃକ ଭୂମିକୁ ପରିଦର୍ଶନ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ସେଠାକାର ଭାରତୀୟ ବଂଶୋଦ୍ଭବଙ୍କୁ ଅନୁରୋଧ କରିଛନ୍ତି । ତ୍ରିନିଦାଦ ଓ ଟୋବାଗୋ ୟୁ.ପି.ଆଇ. ଆପଣେଇବା ଦିଗରେ ଆଫ୍ରିକୀୟ ଅଞ୍ଚଳର ପ୍ରଥମ ରାଷ୍ଟ୍ର ହୋଇଥିବାରୁ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ଏହାଦ୍ୱାରା ଉଭୟ ଭାରତ ଏବଂ ତ୍ରିନିଦାଦ ଓ ଟୋବାଗୋ ଲାଭବାନ ହେବ ବୋଲି ସେ କହିଛନ୍ତି ।

# ପିଏମ୍-ଆର୍ଜେଣ୍ଟିନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଞ୍ଚରାଷ୍ଟ୍ରୀୟ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜିଠାରୁ ଦୁଇ ଦିନିଆ ଆର୍ଜେଣ୍ଟିନା ଗସ୍ତରେ ଯାଉଛନ୍ତି ।

ବିଭିନ୍ନ ଦୃଷ୍ଟିକୋଣରୁ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଏ ସମ୍ପର୍କରେ ଏକ ରିପୋର୍ଟ୍

## ଝାଡ଼ଖଣ୍ଡ-ଅନ୍ନପୂର୍ଣ୍ଣା ଦେବୀ

ଦେଶର ପୂର୍ବାଞ୍ଚଳରେ କ୍ଷମତା ନିର୍ମାଣ ପ୍ରୟାସର ବିକେନ୍ଦ୍ରୀକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ରାଞ୍ଚିରେ ସାବିତ୍ରୀ ବାଈ ଫୁଲେ ଜାତୀୟ ମହିଳା ଓ ଶିଶୁ ବିକାଶ ପ୍ରତିଷ୍ଠାନର ନୂତନ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଆଜି ଏହି କେନ୍ଦ୍ରର  ଉଦ୍‌ଘାଟନ କରି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏହି ମତ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଏହି କେନ୍ଦ୍ର ଉନ୍ନତ ସେବା ପ୍ରଦାନ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରିବ । ମହିଳା ଓ ଶିଶୁମାନଙ୍କର ବିକାଶ ଏବଂ ବିକଶିତ ଭାରତ ୨୦୪୭ ସ୍ୱପ୍ନ ସାକାର କରିବା ଦିଗରେ ଏହି କେନ୍ଦ୍ର ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି ।

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଏହି କେନ୍ଦ୍ରରେ ମିଶନ୍ ଶକ୍ତି, ମିଶନ୍ ବାତ୍ସଲ୍ୟ, ମିଶନ୍ ସକ୍ଷମ ଅଙ୍ଗନଓ୍ୱାଡ଼ି ଓ ପୋଷଣ ୨ ଦଶମିକ୍ ଶୂନ୍ ଲାଗି ତାଲିମ୍ ଏବଂ ଗବେଷଣା କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ । ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ଉପରେ ଏହି କେନ୍ଦ୍ର ବିଶେଷ ଧ୍ୟାନ ଦେଇ କେନ୍ଦ୍ରୀୟ ଯୋଜନା ଗୁଡ଼ିକର ତୃଣମୂଳ ସ୍ତରରେ

କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ସହିତ ସ୍ଥାନୀୟ ଆବଶ୍ୟକତା ପୂରଣ କରିବା ଦିଗରେ କାର୍ଯ୍ୟ କରିବ ।

## ଏମ୍‌ଏସ୍‌ଏମ୍‌ଇ-ମିନିଷ୍ଟର୍

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୦ ବର୍ଷ ମଧ୍ୟରେ ଦେଶ ବ୍ୟାପି ୨୮ କୋଟିରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଆଜି ମୁମ୍ବାଇ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଏମ୍.ଏସ୍.ଏମ୍.ଇ. ମନ୍ତ୍ରୀ ଜିତନ ରାମ ମାନ୍‌ଝୀ ଏହି ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ମାଧ୍ୟମରେ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ଦିଆଯାଇଛି । ସେଥିମଧ୍ୟରୁ କେବଳ ଗ୍ରାମାଞ୍ଚଳରେ ୮୦ ପ୍ରତିଶତ ସୁଯୋଗ ସୃଷ୍ଟି କରାଯାଇଛି ବୋଲି ସେ କହିଛନ୍ତି । ଶ୍ରୀ ମାନ୍‌ଝୀ କହିଛନ୍ତି, ଦେଶର ସାମଗ୍ରୀକ ଘରୋଇ ଉତ୍ପାଦ କ୍ଷେତ୍ରରେ ତାଙ୍କ ମନ୍ତ୍ରଣାଳୟର ପ୍ରାୟ ୩୦ ପ୍ରତିଶତ, ବିନିର୍ମାଣ କ୍ଷେତ୍ରରେ ୩୫ ଦଶମିକ୍ ୪ ପ୍ରତିଶତ ଏବଂ ସାମଗ୍ରୀକ ରପ୍ତାନୀ କ୍ଷେତ୍ରରେ ୪୫ ଦଶମିକ୍ ୭/୩ ପ୍ରତିଶତ ଅବଦାନ ରହିଛି । ଗତ ୫ ବର୍ଷ ମଧ୍ୟରେ ଦେଶରେ ପଞ୍ଜୀକୃତ ଏମ୍.ଏସ୍.ଏମ୍.ଇ. ୟୁନିଟ୍‌ର ସଂଖ୍ୟା ପ୍ରାୟ ୫ ଗୁଣା ବୃଦ୍ଧି ପାଇ ବର୍ତ୍ତମାନ ୬ କୋଟି ୫୩ ଲକ୍ଷରେ ପହଞ୍ଚିଛି । ସେହିଭଳି ଗତ ପାଞ୍ଚ ବର୍ଷ ମଧ୍ୟରେ ଏହିଭଳି ୟୁନିଟ୍‌କୁ ୪ ଗୁଣ ଅଧିକ ଋଣ ପ୍ରଦାନ କରାଯାଇଛି ବୋଲି ଶ୍ରୀ

ମାନ୍‌ଝୀ କହିଛନ୍ତି । ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ପି.ଏମ୍. ବିଶ୍ୱକର୍ମା ଯୋଜନାର ସଫଳତା ଉପରେ କେନ୍ଦ୍ର ମନ୍ତ୍ରୀ ଏହି ଅବସରରେ ଆଲୋକପାତ କରିଛନ୍ତି ।

## ରିଜିଜୁ- ହଜ୍ ଆପ୍ଲିକେସନ୍ ୨୦୨୬

ଆସନ୍ତା ବର୍ଷ ହଜ୍ ଯାତ୍ରା ନିମନ୍ତେ ସରକାର ଏକ ସପ୍ତାହ ମଧ୍ୟରେ ଆବେଦନପତ୍ର ଗ୍ରହଣ କରିବା ଆରମ୍ଭ କରିବେ । ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ସୂଚନା ଦେଇଛନ୍ତି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଆବେଦନକାରୀ ନିଜର ଫର୍ମ ପୂରଣ କରି ଦାଖଲ କରିବା ଲାଗି ସେ ନିବେଦନ କରିଛନ୍ତି । ଏହାଛଡ଼ା ନିର୍ଦ୍ଧାରିତ ସମୟ ପୂର୍ବରୁ ସାଉଦିଆରବ ସରକାରଙ୍କ ନିକଟରେ ଆବଶ୍ୟକ ଅର୍ଥ ଦାଖଲ କରିବା ନିମନ୍ତେ ଭାରତର ହଜ୍ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି । ୬୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସ୍କ ହଜ୍ ଯାତ୍ରୀଙ୍କ ଯତ୍ନ ନେବା ଲାଗି ସାଥିରେ ଆଉ ଜଣେ ବ୍ୟକ୍ତିଙ୍କୁ ନେବା ବାଧ୍ୟତାମୂଳକ କରାଯାଇଛି । ସେହିଭଳି ପୁରୁଷ ଏବଂ ମହିଳାଙ୍କ ଲାଗି ସ୍ୱତନ୍ତ୍ର ରହିବା ବ୍ୟବସ୍ଥା କରିବା ଦିଗରେ ସରକାର ପଦକ୍ଷେପ

ନେଉଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି **।V/O-KIREN-RIJIJU-ON-HAJ**

## ଜେକେ-ଅମରନାଥ ଯାତ୍ରା

ଚଳିତ ବର୍ଷର ବାର୍ଷିକ ଶ୍ରୀ ଅମରନାଥ ଯାତ୍ରା ଗତକାଲିଠାରୁ ଶାନ୍ତିଶୃଙ୍ଖଳାର ସହ ଜାରି ରହିଛି । ଏହି ଯାତ୍ରା ଦକ୍ଷିଣ କାଶ୍ମୀର ଅନ୍ତର୍ଗତ ଅନନ୍ତନାଗ ଜିଲ୍ଲାର ପହଲଗାମ ଏବଂ କେନ୍ଦ୍ରୀୟ କାଶ୍ମୀର ଅନ୍ତର୍ଗତ ଗନ୍ଦେରବଲ୍ ଜିଲ୍ଲାର ବାଲତାଲ ଠାରୁ ଏକ ସଙ୍ଗେ ଆରମ୍ଭ ହୋଇଛି । ଏହି ଦୁଇଟି ପଥ ମାଧ୍ୟମରେ ଯାତ୍ରୀମାନେ ଯେଭଳି ସୁରୁଖୁରୁରେ ୧୨ ହଜାର ୭୫୬ ଫୁଟ୍ ଉପରେ ଅବସ୍ଥିତ ପବିତ୍ର ଅମରନାଥ ଗୁମ୍ଫା ଯାତ୍ରା କରିପାରିବେ ସେଥିଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଏ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ସମ୍ବାଦଦାତା **: V/O-TARIQ-RATHERQ**

## ଶ୍ରୀଜୀଉଙ୍କ ସନ୍ଧ୍ୟାଦର୍ଶନ

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଜି ଚତୁର୍ଦ୍ଧା ମୂର୍ତ୍ତିଙ୍କ ନବମୀ ବା ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ପ୍ରଶାସନ

ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଅନ୍ୟ ପକ୍ଷରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବାହୁଡାଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତିକୁ ଦୃଷ୍ଟିରେ ରଖି ଆଜି ସନ୍ଧ୍ୟା ୬ଟା ପରେ ସନ୍ଧ୍ୟା ଦର୍ଶନକୁ ବନ୍ଦ ରଖାଯାଇଥିଲା ।

ବାହୁଡା ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଆଜି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିୟା ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି ।

# କ୍ରିକେଟ୍

ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍ ଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନରେ ଇଂଲଣ୍ଡ ତାର ପ୍ରଥମ ଇନିଂସରେ ସମ୍ବାଦଟି ପ୍ରସ୍ତୁତ ହେବା ବେଳକୁ ୫ ଓ୍ୱିକେଟ୍ ହରାଇ ୨୯୮ରନ୍ ସଂଗ୍ରହ କରିଛି । ଜେମି ସ୍ମିଥ୍ ୧୩୨ରନ୍ କରିଥିବା ବେଳେ ହ୍ୟାରି ବ୍ରୁକ୍ ୧୧୦ ରନ୍ କରିଛନ୍ତି ।

ପୂର୍ବରୁ ଭାରତ ତାର ପ୍ରଥମ ଇନିସଂରେ ୫୮୭ରନ୍ କରିଥିଲା ।